# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 29th August – 2026

**************************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।
- 'ଖେଳିବ ଭାରତ, ଜିତିବ ଭାରତ' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ କ୍ରୀଡ଼ା ଦିବସ ।
- ଭୁବନେଶ୍ୱର ପୋଲିସ ଭବନରେ ଜାରି ରହିଛି ରାଜ୍ୟସ୍ତରୀୟ ପୋଲିସ ମହାନିର୍ଦ୍ଦେଶକ ଓ ଆରକ୍ଷୀ ମହାନିରୀକ୍ଷକ ସମ୍ମିଳନୀ ।

ଏବଂ

- ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ । ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା ।

*Desk*

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କୀ ବାତ୍‌ର ୧୩୭ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

***Nayagada, Baragada, Nabarangpur/R***

## ଜାତୀୟ କ୍ରୀଡ଼ା ଦିବସ

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। ମେଜର ଧ୍ୟାନଚାନ୍ଦଙ୍କ ଅଧିନାୟକତ୍ୱରେ ୩ ଥର ଲଗାତାର ଭାବେ ଭାରତ ୧୯୨୮, ୧୯୩୨ ଏବଂ ୧୯୩୬ ମସିହାରେ ହକିରେ ଅଲିମ୍ପିକ୍ସ ପଦକ ଜିତିଥିଲା। ଚଳିତ ବର୍ଷ ଜାତୀୟ କ୍ରୀଡ଼ା ଦିବସର ଶୀର୍ଷକ ରହିଛି **"ଖେଳିବ ଭାରତ, ଜିତିବ ଭାରତ"** ।

ଜାତୀୟ କ୍ରୀଡ଼ାଦିବସ ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଜ୍ୟପାଳ କହିଛନ୍ତି କ୍ରୀଡ଼ାବିତମାନଙ୍କର ନିଷ୍ଠା, ଶୃଙ୍ଖଳା ଓ ଶ୍ରେଷ୍ଠତା ହାସଲ କରିବାର ପ୍ରୟାସ ଦେଶକୁ ନିରନ୍ତର ଗୌରବ ଆଣିଦେଇଛି ଓ ଆମ ଯୁବପିଢ଼ୀଙ୍କୁ ଆହୁରି ଉଚ୍ଚ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇଛି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଛନ୍ତି, ଓଡ଼ିଶାରେ ଏକ ସମୃଦ୍ଧ କ୍ରୀଡ଼ା ସଂସ୍କୃତିର ବାତାବରଣ ସୃଷ୍ଟି କରି ସମୃଦ୍ଧ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ପୂରଣ ଦିଗରେ ଉଦ୍ୟମ ଜାରି ରଖିବାକୁ ହେବ ।

କେନ୍ଦ୍ରୀ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଜାତୀୟ କ୍ରୀଡ଼ା ଦିବସ ଅବସରରେ ସପ୍ତାହକୁ ଅତି କମ୍‌ରେ ଗୋଟିଏ ଘଣ୍ଟା କ୍ରୀଡ଼ା କ୍ଷେତ୍ରରେ ସମୟ ବିତାଇବା ଏବଂ ଦୈନନ୍ଦିନ ଜୀବନରେ ଫିଟ୍‌ନେସ୍‌କୁ ସାମିଲ କରିବା ଲାଗି ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ......

# - V/O -

ଏ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

Desk

## ଆଧାରଭିତ୍ତିକ ଦେୟ

ରାଜ୍ୟରେ ଆଗାମୀ ଦିନରେ ଆଧାରଭିତ୍ତିକ ଦେୟ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବ ବୋଲି ଜଣାପଡ଼ିଛି। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଏ ସମ୍ପର୍କରେ ଅବଗତ କରାଯାଇଛି। ସୂଚନା ଅନୁଯାୟୀ ଯେଉଁ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ସହିତ ଆଧାରକାର୍ଡ ଯୋଡିହୋଇଥିବ ସେମାନଙ୍କୁ ସରକାରଙ୍କ ବିଭିନ୍ନ ସହାୟତା ପ୍ରଦାନ କରାଯିବ। ୨୦୨୫-୨୬ ବର୍ଷ ପାଇଁ ଅନୁଷ୍ଠିତ ପବ୍ଲିକ ଆକାଉଣ୍ଟସ୍ କମିଟିର ସପ୍ତମ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଧାର ସଂଯୋଗୀକରଣ ଦ୍ୱାରା ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ବେଆଇନ କାରବାରକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ ବୋଲି କୁହାଯାଇଛି।

Desk

## ଡିଲରମାନଙ୍କ ପଞ୍ଜୀକରଣ ବ୍ୟବସ୍ଥା

ଦେଶରେ ଚିନିଦର ବୃଦ୍ଧି ପାଇଥିବାରୁ ସାଧାରଣ ଲୋକଙ୍କ ପାଇଁ ଚିନି ଯୋଗାଣ ସୁବ୍ୟବସ୍ଥିତ କରିବା ଲାଗି କେନ୍ଦ୍ର ସରକାର ଡିଲରମାନଙ୍କ ଲାଗି ପଞ୍ଜୀକରଣ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ଡିଲରମାନଙ୍କୁ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ପୋର୍ଟାଲରେ ପଞ୍ଜୀକରଣ କରିବା ଲାଗି କୁହାଯାଇଛି। ଡିଲରମାନେ ସମ୍ପୃକ୍ତ ପୋର୍ଟାଲରେ ଦୈନିକ ଚିନି ଷ୍ଟକ୍ ପରିମାଣ ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି।

Desk

## ସମେଟିଭ୍ ଆସେସ୍‌ମେଣ୍ଟ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିଶୁବାଟିକା ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ 'ସମେଟିଭ୍ ଆସେସ୍‌ମେଣ୍ଟ' ପ୍ରଥମ ପରୀକ୍ଷା ଆସନ୍ତା ମାସ ଚତୁର୍ଥ ସପ୍ତାହରେ ଅନୁଷ୍ଠିତ ହେବ। ବିଭାଗ ପକ୍ଷରୁ ଏହି ପରୀକ୍ଷା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରୀକ୍ଷା ଶେଷ କରିବାକୁ ଓସେପା ପକ୍ଷରୁ ସମସ୍ତ ଜିଲ୍ଲାର ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

Desk

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଷ୍ଟାଦଶ ସ୍ଥାପନା ଦିବସ ଆଜି ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଅଜିତ ଶାସନୀ'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ନାଇଜର୍‌ର ନିର୍ଦ୍ଦେଶକ ପ୍ରଫେସର ହୀରେନ୍ଦ୍ରନାଥ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସଫଳତା, ଉପଲବ୍ଧି ଓ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ କରିବା ଲାଗି ଗୁଣାତ୍ମକ ଶିକ୍ଷା ଓ ଅଭିନବ ଗବେଷଣା ଉପରେ ଗୁରୁତ୍ୱ ଦେବାପାଇଁ କୁଳପତି ଡକ୍ଟର ଶାସନୀ ଆହ୍ୱାନ ଦେଇଥିଲେ।

Desk

## ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ପୁଲିସ ମହାନିର୍ଦ୍ଦେଶକ ଏବଂ ଆରକ୍ଷୀ ମହାନିରୀକ୍ଷକ ମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି। ସୂଚନା ଅନୁଯାୟୀ ଏହି ସମ୍ମିଳନୀରେ ରାଜ୍ୟର ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ଉପକୂଳ ସୁରକ୍ଷା, ସାଇବର ସୁରକ୍ଷା ଓ ସଚେତନତା ଉପରେ ଆଲୋଚନା ଜାରି ରହିଛି।

Desk

## ତୈଳଯୁକ୍ତ ଖାଦ୍ୟ ଉପରେ କଟକଣା

ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର କ୍ୟାଣ୍ଟିନ ଓ ହଷ୍ଟେଲରେ ଅଧିକ ତୈଳଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା ଉପରେ କଟକଣା ଜାରି କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଶେଷକରି ଜଳଖିଆରେ ପୁରୀ, ବରା ଓ ଆଳୁଚପ୍ ଭଳି ଅଧିକ ତୈଳଯୁକ୍ତ ଖାଦ୍ୟ ପ୍ରସ୍ତୁତ ନ କରିବା ଲାଗି ବିଭାଗ କହିଛି। ସୂଚନା ଅନୁଯାୟୀ ଆମଦାନୀ ହେଉଥିବା ତୈଳ ବଦଳରେ ଘିଅ, ସୋରିଷ ତେଲ ଓ ବାଦାମ ତେଲର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ଛାତ୍ରଛାତ୍ରୀମାନଙ୍କ ଉତ୍ତମ ଓ ନିରୋଗ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଖାଦ୍ୟ ପ୍ରସ୍ତୁତି କ୍ଷେତ୍ରରେ କମ୍ ତୈଳ ବ୍ୟବହାର ଲାଗି ସରକାର ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା – ଏନ୍‌ଏସ୍‌ଏସ୍ ଏବଂ ଯୁବ ରେଡକ୍ରସ୍‌ର ସ୍ୱେଚ୍ଛାସେବୀମାନଙ୍କୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ବିଶ୍ୱ ତୈଳଯୋଗାଣ ଶୃଙ୍ଖଳ ବାରମ୍ବାର

ପ୍ରତିବନ୍ଧକର ସାମ୍ନା କରୁଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଇନ୍ଧନ ବ୍ୟବହାର ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ଏ ଦିଗରେ ପଦକ୍ଷେ ନେବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି ।

Bolangir

## ଅଂଶୀଦାର ପରାମର୍ଶ କର୍ମଶାଳା

ବୟନଶିଳ୍ପର ବିକାଶ ନିମନ୍ତେ ବଲାଙ୍ଗୀରରେ ଅଂଶୀଦାର ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ଲକ୍ଷ୍ମଣ ବାଗ୍ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବୟନଶିଳ୍ପର ବିକାଶ ଲାଗି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

Desk

## ଇଣ୍ଟରନାଲ ପରୀକ୍ଷା

ଯୁକ୍ତଦୁଇ ଶ୍ରେଣୀରେ ଅଧ୍ୟୟନ କରୁଥିବା ନିୟମିତ ଛାତ୍ରଛାତ୍ରୀଙ୍କ ସହିତ ପୂର୍ବ ନିୟମିତ ପରୀକ୍ଷାର୍ଥୀମାନେ ଇଣ୍ଟରନାଲ ପରୀକ୍ଷା ଦେବେ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ସୂଚନା ଅନୁଯାୟୀ ଗୋଟିଏ ଥର ଇଣ୍ଟରନାଲ ପରୀକ୍ଷା ଦେବାପରେ ସେଥିରେ ମିଳିଥିବା ମାର୍କ ତିନିବର୍ଷ ପାଇଁ ବୈଧ ରହିବ । ତିନିବର୍ଷ ମଧ୍ୟରେ କୃତକାର୍ଯ୍ୟ ନ ହେଲେ

ପୁଣିଥରେ ଇଣ୍ଟରନାଲ ପରୀକ୍ଷା ଦେବାକୁ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଆଜି ଅନୁଷ୍ଠିତ ସିଲାବସ୍ କମିଟି ବୈଠକରେ ଏହି ନିୟମକୁ ଅନୁମୋଦନ ମିଳିଛି। ୨୦୨୭ରୁ ଏହି ନିୟମ ଲାଗୁ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

Sonepur

## ସ୍ୱାସ୍ଥ୍ୟ ସଚେତନତା ରଥ

ସୁବର୍ଣ୍ଣପୁର ଜିଲ୍ଲାରେ ଜଳବାହିତ ଏବଂ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ଓ ଏହାର ନିରାକରଣ ପାଇଁ ସ୍ୱାସ୍ଥ୍ୟ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ଏହି ରଥର ଶୁଭାରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ ସ୍ୱାସ୍ଥ୍ୟ ସଚେତନତା ରଥ ଆଗାମୀ ଏକମାସ ମଧ୍ୟରେ ଉଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଜଳବାହିତ ଓ ଭେକ୍ଟରବାହିତ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଆଗାମୀ ଦିନରେ ଅନ୍ୟ ବ୍ଲକଗୁଡ଼ିକରେ ମଧ୍ୟ ସ୍ୱାସ୍ଥ୍ୟ ସଚେତନତା ରଥ ପରିକ୍ରମା କରିବ ବୋଲି ଜଣାପଡ଼ିଛି।

Bhadrak

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କେନ୍ଦୁଆପଡ଼ା ହାଇସ୍କୁଲଠାରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀ ଶିବିରରେ ଯୋଗଦେଇ ଦିବ୍ୟାଙ୍ଗଜନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର

ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା କହିଛନ୍ତି। ଶିବିରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୭୨ ଜଣ ଦିବ୍ୟାଙ୍ଗଙ୍କ ପରୀକ୍ଷା କରାଯାଇଥିଲା।

Desk

## ପରମାଣୁ ପରୀକ୍ଷା ବିରୋଧୀ ଦିବସ

ପରମାଣୁ ଅସ୍ତ୍ରର ଭୟାବହତା ଦୂର କରି ଏକ ସୁରକ୍ଷିତ ବିଶ୍ୱ ଗଠନ ନିମନ୍ତେ ଆଜି ପାଳନ କରାଯାଉଛି "ପରମାଣୁ ପରୀକ୍ଷଣ ବିରୋଧୀ ଅନ୍ତର୍ଜାତୀୟ ଦିବସ"। ମାନବ ସମାଜ, ପରିବେଶ ଏବଂ ପୃଥିବୀର ସୁରକ୍ଷା ପାଇଁ ପରମାଣୁ ଅସ୍ତ୍ରଶସ୍ତ୍ରର ପରୀକ୍ଷଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଲାଗି ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ। ୨୦୦୯ ଡିସେମ୍ବର ୨ ତାରିଖରେ ଜାତିସଂଘ ସାଧାରଣ ସଭାରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ସୂଚନା ଅନୁଯାୟୀ ୧୯୪୫ ମସିହାରୁ ଏପର୍ଯ୍ୟନ୍ତ ବିଶ୍ୱରେ ଦୁଇ ହଜାରରୁ ଅଧିକ ପରମାଣୁ ପରୀକ୍ଷଣ କରାଯାଇଛି। ମଣିଷ ସ୍ୱାସ୍ଥ୍ୟ ଉପରେ ପରମାଣୁ ପରୀକ୍ଷଣର ପ୍ରଭାବ ଅତ୍ୟନ୍ତ ଭୟାବହ ହୋଇଥିବାବେଳେ ଏହାର ରେଡିଓଆକ୍ଟିଭ ବିକିରଣ ବାୟୁମଣ୍ଡଳ, ମୃତ୍ତିକା ଏବଂ ସମୁଦ୍ରକୁ ଦୂଷିତ କରୁଛି। ଏକ ଶାନ୍ତିପୂର୍ଣ୍ଣ ଏବଂ ପରମାଣୁ-ମୁକ୍ତ ପୃଥିବୀ ଗଠନ ଉଦ୍ଦେଶ୍ୟରେ ସମସ୍ତଙ୍କ ସଚେତନତା ଓ ସହଯୋଗ ଲାଗି ଆହ୍ୱାନ ଦିଆଯାଇଛି।

Desk

## ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ, ବାଂଲାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। କେନ୍ଦୁଝର, ଯାଜପୁର, ଜଗତ୍‌ସିଂହପୁର, ଅନୁଗୁଳ, ଢେଙ୍କାନାଳ ଓ କଟକ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ରାଜ୍ୟର ସମସ୍ତ ବନ୍ଦରରେ ୩ ନମ୍ବର ବିପଦସଙ୍କେତ ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜର ବାଙ୍ଗିରିପୋଷିରେ ସର୍ବାଧିକ ୧୫୯ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।